**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**19 January – 2026**

# ଅମୃତଭାରତ ଏକ୍ସପ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥବା ସାନ୍ତ୍ରାଗାଛି-ତାମ୍ବରମ ଅମୃତଭାରତ ଏକ୍ସପ୍ରେସ୍ ଓଡ଼ିଶା ପାଇଁ ବିଶେଷ ଲାଭଦାୟକ ହେବ । ରାଜ୍ୟର ଲୋକଙ୍କ ପାଇଁ ଏହି ଟ୍ରେନ୍ ପୂର୍ବ ଏବଂ ଦକ୍ଷିଣ ଭାରତର ପ୍ରମୁଖ ସହରାଞ୍ଚଳ, ବାଣିଜ୍ୟିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ସଂଯୋଗ ସ୍ଥାପନ କରିବା ସହ ଆନ୍ତଃ ଆଞ୍ଚଳିକ ରେଳ ସଂଯୋଗୀକରଣକୁ ଗତି ପ୍ରଦାନ କରିବ । ଏହି ଟ୍ରେନ୍ ରାଜ୍ୟର ଭଦ୍ରକ, ଯାଜପୁର-କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବାଲୁଗାଁ ଓ ବ୍ରହ୍ମପୁର ପ୍ରମୁଖ ଷ୍ଟେସନରେ ରହଣି କରିବ । ଗତକାଲି ଏହି ଟ୍ରେନ୍‌କୁ ଯାଜପୁର, କେନ୍ଦୁଝର ରୋଡ୍ ରେଳଷ୍ଟେସନରେ ସ୍ୱାଗତ କରାଯାଇଥିବା ବେଳେ ଭଦ୍ରକ ଠାରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଟ୍ରେନ୍‌କୁ ପତାକା ଦେଖାଇ ସ୍ୱାଗତ କରିଥିଲେ ।

# ମୁଖ୍ୟମନ୍ତ୍ରୀ-କଳାହାଣ୍ଡି

କଳାହାଣ୍ଡି ଜିଲ୍ଲାରେ ୩ହଜାର ୩୨୫ କୋଟି ଟଙ୍କା ବ୍ୟୟରେ ଉତେଇ ରାଉଳ ଜଳସେଚନ ପ୍ରକଳ୍ପକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିସାରିଛି ଓ ଏହାର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତକାଲି କଳାହାଣ୍ଡି ଜିଲ୍ଲା ମହୋତ୍ସବ ଘୁମୁରା ୨୦୨୬ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୯୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ

୨ହଜାର ୬୪୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । କଳାହାଣ୍ଡିରୁ ନବରଙ୍ଗପୁର ପର୍ଯ୍ୟନ୍ତ ଅଞ୍ଚଳକୁ କପା ଉତ୍ପାଦନ କ୍ଲଷ୍ଟର ଭାବେ ପରିଣତ କରାଯିବ ବୋଲି ସେ ଘୋଷଣା କରିଛନ୍ତି ।

**V/O**

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆସନ୍ତା ୨୨ ତାରିଖରେ ସୁଭଦ୍ରା କିସ୍ତି ଟଙ୍କା ପ୍ରଦାନ କରାଯିବ । ମୋଟ୍ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ମିଳିବାକୁ ଥିବାବେଳେ ଏଥିରେ ନୂତନ ଭାବେ ୧ଲକ୍ଷ ୭୮ହଜାର ୩୯୮ଜଣ ହିତାଧିକାରୀ ଅଛନ୍ତି । ସୂଚନା ଅନୁଯାୟୀ ଆଗରୁ କୌଣସି କାରଣରୁ ବାଦ୍ ପଡିଥିବା ୨୪ହଜାର ୧୮ଜଣ ହିତାଧିକାରୀଙ୍କୁ ଏହି ପର୍ଯ୍ୟାୟରେ ସୁଭଦ୍ରା ସହାୟତା ଦିଆଯିବ ।

## ମୁଖ୍ୟମନ୍ତ୍ରୀ– ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜନଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ଜନଶୁଣାଣି ବାବଦରେ ସୂଚନା ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ସରକାରୀ ସୂଚନା ଅନୁସାରେ, ସରକାରଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧୭ଟି ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ପ୍ରାୟ ୯୫ ପ୍ରତିଶତ ଅଭିଯୋଗର ସମାଧାନ ହୋଇପାରିଛି।

## ପକ୍ଷୀଗଣନା

ଚିଲିକାକୁ ଚଳିତବର୍ଷ ୧୯୬ଟି ପ୍ରଜାତିର ୧୧ଲକ୍ଷ ୩୨ହଜାର ୨୦୦ଟି ପକ୍ଷୀ ଆସିଥିବାବେଳେ ୧୦୬ଟି ପ୍ରଜାତିର ବିଦେଶାଗତ ପକ୍ଷୀ ଓ ୯୦ଟି ପ୍ରଜାତିର ଦେଶୀୟ ପକ୍ଷୀ ରହିଛନ୍ତି । ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଗତକାଲି ୨୨ଟି ଦଳରେ ୧୩୩ଜଣ ସଦସ୍ୟଙ୍କୁ ନେଇ ପକ୍ଷୀଗଣନା କାର୍ଯ୍ୟ କରାଯାଇଥିଲା । ଗତବର୍ଷ ମୋଟ୍ ୧୯୬ଟି ପ୍ରଜାତିର ୧୧ଲକ୍ଷ ୨୭ହଜାର ୨୨୮ଟି ପକ୍ଷୀ ଆସିଥିବା ଗଣନା କରାଯାଇଥିଲା । ଚଳିତବର୍ଷ ନୂତନଭାବେ ପ୍ଲେନ୍ ମାର୍ଟିନ୍ ଏବଂ ବେଙ୍ଗଲ ବୁଶ୍ ଲାର୍କ ପକ୍ଷୀ ଆସିଥିବା ଜଣାପଡିଛି ।

## ଜି ରାମ୍ ଜୀ ଯୋଜନା

୨୦୪୭ ସୁଦ୍ଧା ବିକଶିତ ଭାରତ ସ୍ୱପ୍ନ ସାକାର କରିବା ଲାଗି ବିକଶିତ ଭାରତ ଜିରାମ୍‌ଜୀ ଯୋଜନା ସହାୟକ ହେବ ବୋଲି  ସାଂସଦ ବଳଭଦ୍ର ମାଝି କହିଛନ୍ତି । ମାଲକାନଗିରିରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝି ଶ୍ରମିକ ଓ ଚାଷୀମାନଙ୍କୁ ଏହି ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଛନ୍ତି ।

## କର୍ମଶାଳା

ଗଞ୍ଜାମ ଜିଲ୍ଲା ଅମ୍ବପୁଆଠାରେ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜିବିକା ମିଶନ ଗ୍ରାମୀଣ ଯୋଜନା ସମ୍ପର୍କରେ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି ଯୋଜନାରେ ଜ୍ଞାନକୌଶଳ ବ୍ୟବହାର କରାଯାଇ ଦୁର୍ନୀତି ରୋକିବା ସହ କର୍ମନିଯୁକ୍ତି ଅବଧିକୁ ୧୨୫ ଦିନକୁ ବୃଦ୍ଧି

କରାଯାଇଥିବା ସୂଚନା ଦିଆଯାଇଛି । କର୍ମଶାଳାରେ ବ୍ରହ୍ମପୁର, ଛତ୍ରପୁର, ଚିକିଟି ଓ ଦିଗପହଣ୍ଡି ବିଧାୟକମାନେ ଯୋଗଦେଇ ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ଅମୃତକାଳ ସାଂସ୍କୃତିକ ସମାରୋହ

ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଚାଲିଥିବା ଦୁଇଦିନିଆ ଅମୃତକାଳ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ ହୋଇଛି । ଏଥିରେ ବିଭିନ୍ନ ନୃତ୍ୟ ଏକାଡେମୀ ଦ୍ୱାରା ନୃତ୍ୟ ଓ ବାଦ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ସମନ୍ୱୟ ବୈଠକ

ନବରଙ୍ଗପୁର ଜିଲ୍ଲାରେ ଗ୍ରାମଦ୍ୟୋୟ ଯୋଜନାର ପ୍ରଣୟନ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନା ଅଧୀନରେ ନବରଙ୍ଗପୁରର ୪ଟି ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ବ୍ଲକର ୩୦ଟି ଗ୍ରାମରେ ବିଭିନ୍ନ ଜନ ହିତକର ଯୋଜନାର କାର୍ଯ୍ୟକାରୀତା ନେଇ ସର୍ଭେ କରାଯିବ । ଗ୍ରମଦ୍ୟୋୟ ଯୋଜନା ଅନ୍ତର୍ଗତ ୨୪ଜଣ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ସର୍ଭେ କାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି ନିର୍ଦ୍ଦେଶ ଦିଅଯାଇଛି ।

# ଗଜପତି ଉତ୍ସବ

ଜିଲ୍ଲାସ୍ତରୀୟ ଗଜପତି ଉତ୍ସବ ୨୦୨୫ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ କଳାକାରମାନେ ପ୍ରଦର୍ଶନ କରିବା ସହ ଜିଲ୍ଲାର କୁଟୀରଶିଳ୍ପ ସାମଗ୍ରୀ, କୃଷିଜାତ ଦ୍ରବ୍ୟ ଓ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ପ୍ରଦର୍ଶନୀ ଓ ବିକ୍ରି କରାଯିବ ।

# ହକି ଇଣ୍ଡିଆ ଲିଗ୍

କଳିଙ୍ଗ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ଦୁଇଟି ମ୍ୟାଚ୍‌ରେ ରାହ ବେଙ୍ଗଲ ଟାଇଗର୍ସ ଓ କଳିଙ୍ଗ ଲାନ୍ସର୍ସ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ରାହ ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସଙ୍କୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ସୁଟ୍‌ଆଉଟ୍ ଜରିଆରେ କଳିଙ୍ଗ ଲାନ୍ସର୍ସ ତାମିଲନାଡୁ ଡ୍ରାଗ୍‌ନସକୁ ପରାସ୍ତ କରିଛି ।

# ପାରା ଶକ୍ତି ଉତ୍ତୋଳନ

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ ପାରା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସବ୍‌ଜୁନିୟର ମହିଳା ୫୫କିଲୋଗ୍ରାମ ବର୍ଗରେ ସରୋଜିନୀ ପରିଡ଼ା ଦ୍ୱିତୀୟ ସ୍ଥାନ ସହ ରୌପ୍ୟପଦକ ହାସଲ କରିଛନ୍ତି । ଜୁନିୟର ପୁରୁଷ ଅଣଷଠି କିଲୋଗ୍ରାମ ବର୍ଗରେ ଶ୍ୟାମ ମାଣ୍ଡି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି ।